# ଦିଲ୍ଲୀରେ ପ୍ରତିଭା ଶତପଥୀଙ୍କ କବିତା ପାଠ

ଭୁବନେଶ୍ୱର, ୨୨।୫(ସମିସ): 'ମୋର କବିତା ନିଜସ୍ୱ ଅନୁଭୂତି, ଆନନ୍ଦ-ବିଷାଦ ତଥା ସମାଜର ବିକୃତ ବାସ୍ତବତାକୁ ପ୍ରତିଫଳିତ କରେ। ମୋର କବିତାଗୁଡ଼ିକ ଶବ୍ଦରେ ପ୍ରକାଶିତ ଲୁହର ବୁନ୍ଦା ପରି ମନେହୁଏ। ସେଗୁଡ଼ିକ କ୍ରମାଗତ ପରିବର୍ତ୍ତନର ପ୍ରତୀକ ପରି। ପ୍ରତ୍ୟେକ କବିଙ୍କ ପରି ମୋ ପାଇଁ ମଧ୍ୟ କବିତା ଏକ ଅନ୍ତହୀନ ପ୍ରୟାସ। ମୋ କବିତା ମାଧ୍ୟମରେ ମୁଁ ପୃଥିବୀ ସହିତ ସଂଯୁକ୍ତ ବୋଲି ଅନୁଭବ କରେ।' ନୂଆଦିଲ୍ଲୀରେ ଆଜି ସନ୍ଧ୍ୟାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କବିସନ୍ଧି କାର୍ଯ୍ୟକ୍ରମରେ ଅତିଥି କବି ଭାବେ ଯୋଗଦେଇ ଏଭଳି ଭାବଭରା ବକ୍ତବ୍ୟ ରଖିଛନ୍ତି ବିଶିଷ୍ଟ ଓଡ଼ିଆ କବି ପ୍ରତିଭା ଶତପଥୀ। ସେ ତାଙ୍କର କେତେକ କବିତା ମୂଳ ଓଡ଼ିଆରେ ପାଠ କରିବା ସହିତ କେତେକ କବିତାର ହିନ୍ଦୀ ଏବଂ ଇଂରାଜୀ ଅନୁବାଦ ଶୁଣାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଶ୍ରୀମତୀ ଶତପଥୀଙ୍କୁ ସାହିତ୍ୟଏକାଡେମୀ ପ୍ରକାଶିତ ପୁସ୍ତକ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସୁରେଶ ରତ୍ନୁପର୍ଣ୍ଣା, ଦିବିକ୍ ରମେଶ, ଗିରିଶ୍ୱର ମିଶ୍ର, ଲକ୍ଷ୍ମୀ କନ୍ନନ୍ ଏବଂ ସୁମନ୍ୟୁ ଶତପଥୀ ପ୍ରମୁଖ ସୁପରିଚିତ ହିନ୍ଦୀ ଓ ଓଡ଼ିଆ ଲେଖକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସାହିତ୍ୟ ଏକାଡେମୀର ଉପସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ।